## ରାଷ୍ଟ୍ରୀୟ ସୁରକ୍ଷା ଘଟଣାକୁ କଅଣ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଭୋଟ ଦାନ ଦ୍ୱାରା ସ୍ଥିର କରାଯିବା ଠିକ ହେବ ?

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ଆମ ଆଦମୀ ପାର୍ଟିର ଜଣେ ବରିଷ୍ଠ ନେତା ପରାମର୍ଶ ଦେଇଛନ୍ତି କି, ଜାମ୍ମୁ ଓ କାଶ୍ମୀର ଉପତ୍ୟକାରେ ସୈନ୍ୟ ମୁତୟନ କରିବା ଘଟଣାକୁ ସେଠାକାର ଜନତା ନିଜ ଭୋଟ ଦାନ ଦ୍ୱାରା ସ୍ଥିର କରିବେ । ଉକ୍ତ ନେତାଜଣଙ୍କ ମଧ୍ୟ ଦୁଇ ବର୍ଷ ତଳେ ସେଠାକାର ଜନତା ଭାରତ ସହ ବା ଅନ୍ୟ କାହା ସହ ରହିବାକୁ ଚାହାନ୍ତି ବୋଲି ଗଣଭୋଟ ମାଧ୍ୟମରେ ଜଣାଇବା କଥା କହିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ସମସ୍ତ ରାଜ୍ୟଗୁଡ଼ିକର ଏକତ୍ରିକରଣର ଦାୟିତ୍ୱ ସର୍ଦ୍ଦାର ପଟେଲ ବହନ କରିଥିଲେ । ମାତ୍ର ଗୋଟିଏ ରାଜ୍ୟ ଯାହାକୁ ଭାରତରେ ମିଶାଇବା ଦାୟିତ୍ୱ ପଣ୍ଡିତ ନେହେରୁ ନେଇଥିଲେ । ହେଲେ ତାଙ୍କ ପ୍ରଣିତ ଉକ୍ତ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦେବା ନିୟମ ହିଁ ଆଜିର ବିଚ୍ଛିନ୍ନତାବାଦ ସୃଷ୍ଟିର କାରଣ ଅଟେ । ଏଭଳି ନୀତି ଦେଶର ଅନ୍ୟ କୌଣସି ରାଜତନ୍ତ୍ର ରାଜ୍ୟରେ ଲାଗୁ ହୋଇନାହିଁ । ବହୁ କଷ୍ଟରେ ଏହି ଗଣଭୋଟ କଥାକୁ ପାକିସ୍ଥାନ ଆନ୍ତର୍ଜାତୀୟ ସ୍ତରକୁ ଆଣିଥିଲା । ହେଲେ ଆଜି ଉକ୍ତ ଘଟଣା ଏକ ଆନ୍ତର୍ଜାତୀୟ ବା ମିଳିତ ଜାତିସଙ୍ଘର ବା ଭାରତ ଓ ପାକିସ୍ଥାନର ମିଳିତ ବୁଝାମଣାର ଘଟଣା ହୋଇ ରହିନାହିଁ । କାରଣ ଦେଶର ସୁରକ୍ଷା ତଥା ଅଖଣ୍ଡତା ନେଇ ଯତ୍ନଶୀଳ ହେବା କେବଳ କେନ୍ଦ୍ର ସରକାରଙ୍କର ଦାୟିତ୍ୱର ପରିସରରେ ଏବଂ ପ୍ରଧାନ କର୍ତ୍ତବ୍ୟ ମଧ୍ୟ । ଏହା ରାଜ୍ୟ ବା ମ୍ୟୁନିସିପାଲଟି ଦ୍ୱାରା ସମାଧାନ କରାଯାଇ ନପାରେ । ହେଲେ ଦେଶ ସ୍ୱାଧୀନତା ପରଠାରୁ କାଶ୍ମୀର ଭାରତ ପାଇଁ ଏକ ସମସ୍ୟା ହୋଇଆସିଅଛି ଏବଂ ପାକିସ୍ଥାନ କେବେ ମଧ୍ୟ କାଶ୍ମୀରକୁ ଭାରତରେ ମିଶାଇବାକୁ ଦେଉନାହିଁ । ଆନ୍ତର୍ଜାତୀୟ ସ୍ତରରେ ବହୁ ଚେଷ୍ଟା କରି ସେଥିରେ ବିଫଳ ହେବା ପରେ ବର୍ତ୍ତମାନ ପ୍ରାୟ ୨୫ ବର୍ଷ ଧରି ସୀମା ପାର ଆତଙ୍କବାଦ ଓ ଯୁବ ପିଢ଼ୀକୁ ବିପଥଗାମୀ କରି ଶୀତଳ ଯୁଦ୍ଧ ଚଳାଇଅଛି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଘୋଷଣା ଅନୁଯାୟୀ ସମସ୍ତ ସମସ୍ୟା ମାନବବାଦର ପରିସୀମା ମଧ୍ୟରେ ସମାଧାନ କରାଯିବ । ଯାହାଫଳରେ ସେଠାରୁ ଆତଙ୍କବାଦ ନିଚ୍ଛିନ୍ନ ହୋଇପାରିବ, ଆତଙ୍କବାଦ କାର୍ଯ୍ୟ କଳାପ ଧ୍ୱଂସ ହେବ, ସେଠାରେ ଶାନ୍ତି ଶୃଙ୍ଖଳା ଅବସ୍ଥାନ କରିବା ସହ ଜନତାଙ୍କର ଜୀବନ ଶୈଳୀ ଉନ୍ନତ ହୋଇପାରିବ । ତେବେ ଉପରୋକ୍ତ ପରିସ୍ଥିତି

ଆସିବା ପରେ ହିଁ ସେଠାରୁ ସୈନ୍ୟ ଅପସାରଣ କରିବା କଥା ଚିନ୍ତା କରାଯାଇପାରେ । କାରଣ ସେଠାକାର ଜନତାଙ୍କୁ ସୁରକ୍ଷା ଦେବା ଓ ଆତଙ୍କବାଦକୁ ରୋକିବା ପାଇଁ ହିଁ ସୈନ୍ୟ ମୂତୟନ କରାଯାଇଅଛି ।

ଏଣେ ପାକିସ୍ଥାନ ସେଠାରୁ ସୈନ୍ୟ ଅପସାରଣ କରିବା କଥା ଉଠାଇବା ବେଳେ କିଛି ବିଛିନ୍ନତାବାଦୀ ମାନେ ମଧ୍ୟ ଉକ୍ତ ଦାବି କରି ଆସୁଛନ୍ତି । ତେବେ ଆମ ଆଦମୀ ପାର୍ଟି ଭଳି ଏକ ଦଳ ଜାତୀୟ ସୁରକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଏପରି ଜନତାଙ୍କ ଭୋଟ ଉପରେ କିପରି ଛାଡ଼ି ଦେଇ ପାରେ ?

ତେଣୁ ମୁଁ ମନେ କରେ କିଛି ରାଜନୈତିକ ଦଳ ଯେ କି କ୍ଷଣସ୍ଥାୟୀ ପ୍ରତିକ୍ରିୟାରୁ ଜନ୍ମ ନିଅନ୍ତି କୌଣସି କ୍ଷେତ୍ରରେ ସେମାନେ ନିଜ ଆଦର୍ଶଠାରୁ ହଟିଯାଆନ୍ତି । ହେଲେ ସେମାନେ ବୃଦ୍ଧି ପାଇବା ମଧ୍ୟରେ ନିଜ ଆଦର୍ଶ ମଧ୍ୟ ବୃଦ୍ଧି ପାଇଥାଏ । ହେଲେ ବିଭିନ୍ନ ଘଟଣା ନେଇ ଆମ ଆଦମୀ ପାର୍ଟିର ଆଦର୍ଶ ମଧ୍ୟ ସେତେ ସ୍ୱଷ୍ଟ ନୁହେଁ । ସେମାନେ ନିର୍ବାଚନ ପରେ କେବଳ ବିମାନ ବନ୍ଦରକୁ ଆନ୍ତର୍ଜାତୀୟକରଣ କରିବା, ପାକୃତିକ ସମ୍ପଦ ନେଇ ଯେପରି ଜଳ ସବସିଡ଼ି ବୃଦ୍ଧି କରାଇବା ଆଦି କାର୍ଯ୍ୟ କରିଛନ୍ତି । ସେମାନେ ବାସ୍ତବତାଠାରୁ ଦୂରେଇଯାଇ ବରଂ ଅବାସ୍ତବ ଘଟଣାକୁ ଗୁରୁତ୍ୱ ଦେଉଛନ୍ତି । ଯାହାକି ଜନତାଙ୍କର କରଦାନକୁ ନିଶ୍ଚିତ ଭାବରେ ବୃଦ୍ଧି କରାଇବ । ମାତ୍ର ଦେଶର ସୁରକ୍ଷା ଭଳି ଗରୁତ୍ୱପୂର୍ଣ୍ଣ ଘଟଣା ନେଇ ଭ୍ରାନ୍ତ ମତାମତ ଦେବା ହୁଏତ ପାର୍ଟିକୁ ଉପରକୁ ନେବା ପରିବର୍ତ୍ତେ ନିମ୍ନମୁଖୀ କରାଇବ ।